# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 21 December - 2024

### News Editor : Itishree Singh Rathaur

*********************************

## ମୁଖ୍ୟ ସମ୍ବାଦ

- ରାଜସ୍ଥାନରେ ଅନୁଷ୍ଠିତ ଜିଏସ୍‌ଟି ପରିଷଦ ବୈଠକରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ
- ବର୍ଷା ଯୋଗୁଁ ଚାଷୀଙ୍କୁ ଧାନ କ୍ଷତି ବାବଦ ସହାୟତା ରାଶି ପ୍ରଦାନ କରାଯିବ; କହିଲେ, ବିଭାଗୀୟ ମନ୍ତ୍ରୀ
- ଢେଙ୍କାନାଳ ଜିଲ୍ଲା ବନବିଭାଗ ପକ୍ଷରୁ ଆରମ୍ଭ ହେଲା କଲରାପତରିଆ ବାଘ ଗଣନା

ଏବଂ

- ରାଜ୍ୟର ବିଭିନ୍ନ ସ୍ଥାନରେ ଲଘୁଚାପ ଜନିତ ବର୍ଷା ଜାରି; ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବର୍ଷା ହେବା ନେଇ ୬ଟି ଜିଲ୍ଲାକୁ ସତର୍କ ସୂଚନା

## ଜିଏସ୍‌ଟି ବୈଠକ

ରାଜସ୍ଥାନର ଜୈସେଲମେରଠାରେ ୫୫ତମ ଜିଏସଟି ପରିଷଦ ବୈଠକ ଅନୁଷ୍ଠିତ ହେଉଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଚାଲିଥିବା ଏହି ବୈଠକରେ ଦ୍ରବ୍ୟ ଓ ସେବାକର ଟିକସ ସଂପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହେଉଛି। ମିଳିଥିବା ସୂଚନା ଅନୁଯାୟୀ, ବୈଠକରେ ଖାଦ୍ୟ ଯୋଗାଣ, ସେବା ଓ ସ୍ୱାସ୍ଥ୍ୟବୀମା ଉପରେ ଜିଏସଟି ହାରରେ କେତେକ ସମ୍ଭାବ୍ୟ ପରିବର୍ତ୍ତନ ହୋଇପାରେ ବୋଲି ସୂଚନା ମିଳିଛି। କେତେକ ଦ୍ରବ୍ୟ ଉପରେ ବର୍ତ୍ତମାନ କାର୍ଯ୍ୟକାରୀ ହେଉଥିବା ଜିଏସ୍‌ଟି ହାରରେ ମଧ୍ୟ ପରିବର୍ତ୍ତନ ଆଶା କରାଯାଉଛି। ବୈଠକ ପରେ ଅର୍ଥମନ୍ତ୍ରୀ ସାମ୍ବାଦିକ ସମ୍ମିଳନକୁ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି। ଜୈସେଲମେର୍‌ରେ ପ୍ରଥମଥର ପାଇଁ ଅନୁଷ୍ଠିତ ହେଉଥିବା ଏହି ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଅନ୍ୟ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟମନ୍ତ୍ରୀ ଏବଂ ଅର୍ଥମନ୍ତ୍ରୀ ଯୋଗ ଦେଇଛନ୍ତି।

## କେନ୍ଦ୍ରୀୟ ବଜେଟ୍‌

ସୂଚନାଯୋଗ୍ୟ, ଜୈସଲମେରରେ ଗତକାଲି ଅନୁଷ୍ଠିତ ପ୍ରାକ୍ ବଜେଟ୍ ପରାମର୍ଶ ବୈଠକରେ ଯୋଗଦେଇ ମୁଖ୍ୟମନ୍ତ୍ରୀ  ଶିଳ୍ପ, ପର୍ଯ୍ୟଟନ, ସହରାଞ୍ଚଳ ବିକାଶ ଓ ଭିତ୍ତିଭୂମି ପାଇଁ ୨୦୨୫-୨୬ କେନ୍ଦ୍ର ବଜେଟ୍‌ରେ ଓଡ଼ିଶା ଲାଗି ସ୍ୱତନ୍ତ୍ର ସହାୟତା ଦାବି କରିଥିଲେ। ଏଥିସହ ରାଜ୍ୟରେ ଚାଲୁ ରହିଥିବା ଓ ପ୍ରସ୍ତାବିତ ପ୍ରକଳ୍ପ ପାଇଁ ବ୍ୟୟବରାଦ କରିବାକୁ ପ୍ରସ୍ତାବ

ଦେଇଥିଲେ। ମୁଖ୍ୟମନ୍ତ୍ରୀ ଓଡ଼ିଶାରେ ସହରୀକରଣ, ପର୍ଯ୍ୟଟନର ବିକାଶ ନିମନ୍ତେ ୧୦ ହଜାର କୋଟି ଟଙ୍କା ସହାୟତା ପାଇଁ ଅନୁରୋଧ କରିଛନ୍ତି। ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର ବାଦ୍ ପଡ଼ିଥିବା ୧୧ଟି ବ୍ଲକକୁ ଏହି ଯୋଜନାରେ ସାମିଲ କରିବା ଲାଗି ସେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଅନୁରୋଧ କରିଛନ୍ତି। ସେହିଭଳି ରାଜ୍ୟରେ ନୂତନ ଶିଳ୍ପଭିତ୍ତିକ ସହରାଞ୍ଚଳର ବିକାଶ, ଶିଳ୍ପ ପାର୍କ, ବିଦ୍ୟୁତ ଗ୍ରୀଡ୍ ଆଦିର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଦାବି ଉପସ୍ଥାପନ କରିଛନ୍ତି।

## ଧାନ ନଷ୍ଟ-ସମବାୟ ମନ୍ତ୍ରୀ

ବର୍ଷା ଯୋଗୁଁ ଚାଷୀଙ୍କୁ ଧାନ କ୍ଷତି ବାବଦ ସହାୟତା ରାଶି ପ୍ରଦାନ କରାଯିବ ବୋଲି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି। ସଂଗୃହୀତ ଧାନକୁ ସୁରକ୍ଷିତ ରଖିବା ପାଇଁ ମଣ୍ଡିରେ ପାଲର ବ୍ୟବସ୍ଥା ହୋଇଛି। ଫଳରେ ମଣ୍ଡିରେ ଧାନ ଓଦା ହେବାର ସମ୍ଭାବନା କମ୍ ରହିଛି ବୋଲି ସେ ଆଶା ପ୍ରକାଶ କରିଛନ୍ତି। କିନ୍ତୁ ବିଲରେ ରହିଥିବା ଧାନ ବର୍ଷା ଯୋଗୁଁ ଗଜାରେ ପରିଣତ ହେବାର ଆଶଙ୍କା ରହିଛି ଏବଂ ବର୍ଷା ଛାଡ଼ିଲେ ମଣ୍ଡିରେ ଧାନ କିଣା ନେଇ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ବଳସାମନ୍ତ ସୂଚନା ଦେଇଛନ୍ତି।

## ହୀରକ ଜୟନ୍ତୀ

ବଲାଙ୍ଗିର ସହର ପତିତପାବନ ଏକାଡେମୀ ସ୍କୁଲରେ ହୀରକ ଜୟନ୍ତୀ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗଦେଇ କହିଛନ୍ତି, ଶିକ୍ଷା ବ୍ୟବସ୍ଥାକୁ ଗୁଣାତ୍ମକ କରିବାକୁ ରାଜ୍ୟ ସରକାର

ବିଭିନ୍ନ ପଦକ୍ଷେପ ନେଉଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ରାଜ୍ୟରେ ନୂତନ ଜାତୀୟ ଶିକ୍ଷାନୀତି ଲାଗୁ ହେବ ବୋଲି ଉତ୍ସବରେ ଯୋଗଦେଇ କହିଛନ୍ତି।

## ଶିଶୁମନ୍ଦିର ବାର୍ଷିକ ଉତ୍ସବ

ନୂତନ ଶିକ୍ଷାନୀତି ପ୍ରଣୟନ ପରେ ରାଜ୍ୟରେ ଶିକ୍ଷାର ମାନ ବୃଦ୍ଧି ପାଇବା ସହ ଛାତ୍ରଛାତ୍ରୀ ବହୁ ପରିମାଣରେ ଉପକୃତ ହେବେ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି। ବଲାଙ୍ଗିର କଲେଜ ଛକ ସ୍ଥିତ ଏକ ବିଦ୍ୟାଳୟର ୨୯ତମ ବାର୍ଷିକ ଉତ୍ସବରେ ଗତକାଲି ଯୋଗଦେଇ ମନ୍ତ୍ରୀ ଡକ୍ଟର ମହାଲିଙ୍ଗ କହିଛନ୍ତି, ମାତୃଭାଷାରେ ପାଠପଢ଼ା ଶିକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ମନ୍ତ୍ରୀ ପୁରସ୍କାର ବିତରଣ କରିଥିଲେ।

## ସୁରେନ୍ଦ୍ର ମହାନ୍ତି-ପୂଣ୍ୟ ତିଥି

ବିଶିଷ୍ଟ ସାହିତ୍ୟିକ ସୁରେନ୍ଦ୍ର ମହାନ୍ତିଙ୍କର ଆଜି ହେଉଛି ପୂଣ୍ୟତିଥି। ଓଡ଼ିଆ ଭାଷା ସାହିତ୍ୟର ସେ ଥିଲେ ଜଣେ ଅଦ୍ୱିତୀୟ କଥାକାର। ସ୍ୱାଧୀନତା ପର ସମାଜରେ ବଦଳୁଥିବା ସ୍ଥିତିକୁ ନେଇ ନିଜ ଲେଖନୀ ମାଧ୍ୟମରେ ପରିପ୍ରକାଶ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ, କେନ୍ଦ୍ର ସାହିତ୍ୟ ଏକାଡେମୀ, ସାରଳା ପୁରସ୍କାର ଆଦି ବିଭିନ୍ନ ସମ୍ମାନରେ ସୁରେନ୍ଦ୍ର ମହାନ୍ତି ସମ୍ମାନିତ ହୋଇଥିଲେ। ୧୯୫୨ ମସିହାରେ ରାଜ୍ୟସଭା ସଦସ୍ୟ ଏବଂ ୧୯୫୬ ଓ ୧୯୭୧ ମସିହାରେ ସେ ଲୋକସଭାକୁ ନିର୍ବାଚିତ ହୋଇଥିଲେ। ୧୯୯୦ ମସିହା ଆଜିର ଦିନରେ ସେ ପରଲୋକ ଗମନ କରିଥିଲେ। **ମୁଖ୍ୟମନ୍ତ୍ରୀ**

ମୋହନ ଚରଣ ମାଝୀ ଏବଂ କେନ୍ଦ୍ର **ଶିକ୍ଷାମନ୍ତ୍ରୀ** ଧର୍ମେନ୍ଦ୍ର ପ୍ରଧାନ ପୃଥକ୍ ପୃଥକ୍ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ତାଙ୍କ ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

## ବାଘଗଣନା

**ଢେଙ୍କାନାଳ** ଜିଲ୍ଲା ବନବିଭାଗ ପକ୍ଷରୁ ଟ୍ରାପ୍ କ୍ୟାମେରା ମାଧ୍ୟମରେ କଲରାପତରିଆ ବାଘ ଗଣନା କାର୍ଯ୍ୟ ଆରମ୍ଭ ହୋଇଛି। ଏଥିପାଇଁ ଜିଲ୍ଲାର ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ୪୦ଟି ଟ୍ରାପ୍ କ୍ୟାମେରା ଲଗାଯାଇଥିବାବେଳେ ଏହାକୁ ୫୦ଟିକୁ ବୃଦ୍ଧି କରାଯିବାକୁ ପଦକ୍ଷେପ ନିଆଯାଉଛି। ବନବିଭାଗର ଆକଳନ ଅନୁଯାୟୀ, ହିନ୍ଦୋଳ ରେଞ୍ଜର କନ୍ଧରା, କନକା ଏବଂ କୋଇ ସଂରକ୍ଷିତ ଜଙ୍ଗଲ, କାମାକ୍ଷାନଗର ପୂର୍ବାଞ୍ଚଳ ଓ ପଶ୍ଚିମାଞ୍ଚଳ ରେଞ୍ଜ୍ ମଧ୍ୟରେ ଥିବା ଅନନ୍ତପୁର ସଂରକ୍ଷିତ ଜଙ୍ଗଲ ଆଦିରେ ବାଘଙ୍କ ସଂଖ୍ୟା ଅନ୍ୟ ସଂରକ୍ଷିତ ଅଂଚଳ ତୁଳନାରେ ଅଧିକ ରହିଛି। ଆସନ୍ତାମାସ ୧୫ ତାରିଖ ପରେ ଜିଲ୍ଲାର କଲରାପତରିଆ ବାଘ ସଂଖ୍ୟା ଜଣାପଡିବ ବୋଲି ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି। ଗତ ଗଣନାରେ ଢେଙ୍କାନାଳ ଜିଲ୍ଲାରେ ୧୩ଟି କଲରାପତରିଆ ବାଘ ଥିବା ଜଣାପଡିଥିଲା।

## ପକ୍ଷୀଗଣନା

ରାଜ୍ୟର ବିଭିନ୍ନ ସଂରକ୍ଷିତ ଅଂଚଳରେ ଆସନ୍ତାମାସ ୧୮ ତାରିଖରୁ ଆରମ୍ଭ ହେଉଥିବା ପକ୍ଷୀଗଣନାରେ ପ୍ରଥମ କରି ବିଦେଶୀ ପକ୍ଷୀଙ୍କ ଠିକଣା ଜାଣିବାକୁ ବନବିଭାଗ ଯୋଜନା ପ୍ରସ୍ତୁତ କରିଛି। ଚିଲିକାକୁ ଆସୁଥିବା ବିଦେଶୀ ପକ୍ଷୀଙ୍କ ଗୋଡରେ ପରୀକ୍ଷାମୂଳକ ଭାବେ ସାଟେଲାଇଟ୍ ଡିଭାଇସ୍ ଯୁକ୍ତ ରିଙ୍ଗ୍

ଲଗାଇବାକୁ ନିଷ୍ପତ୍ତି ନିଆଯାଇଛି । ପ୍ରଥମ ପର୍ଯ୍ୟାୟରେ ପରୀକ୍ଷାମୂଳକଭାବେ ୧୦ଟି ଫ୍ଲାମିଂଗୋ ପକ୍ଷୀଙ୍କ ଗୋଡରେ ଏହାକୁ ଲଗାଇବା ପାଇଁ ବନବିଭାଗ ପ୍ରସ୍ତୁତି ଆରମ୍ଭ କରିଛି । ଚଳିତବର୍ଷ ପୂର୍ବାପେକ୍ଷା ଅଧିକ ପକ୍ଷୀଙ୍କର ଆଗମନ ହେବା ନେଇ ବନବିଭାଗ ଆଶା ରଖିଛି । ପକ୍ଷୀଗଣନା ପୂର୍ବରୁ ଆସନ୍ତା ମାସ ୧୬ ତାରିଖରୁ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଏ ନେଇ ସଚେତନତା ଶୋଭାଯାତ୍ରାର ଆୟୋଜନ କରାଯିବ । ୧୭ ତାରିଖରେ ଗଣନାକାରୀଙ୍କ ସହ ପକ୍ଷୀଗଣନା ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବା ସହ ୧୮ ତାରିଖରୁ ଗଣନାକାର୍ଯ୍ୟ ଆରମ୍ଭ ପାଇଁ କାର୍ଯ୍ୟସୂଚୀ ସ୍ଥିର ହୋଇଛି ବୋଲି ବନବିଭାଗ ପକ୍ଷରୁ ସୂଚନା ମିଳିଛି ।

## ଯକ୍ଷ୍ମାରୋଗ

ଦେଶରୁ ୨୦୨୫ ମସିହା ସୁଦ୍ଧା ଯକ୍ଷ୍ମା ରୋଗର ମୂଳୋତ୍ପାଟନ ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି । ଏହାକୁ ସଫଳ କରିବା ପାଇଁ ୧୦୦ ଦିନିଆ ଯକ୍ଷ୍ମା ନିରାକରଣ ଅଭିଯାନ **କେନ୍ଦ୍ରାପଡା** ଜିଲ୍ଲାରେ ଆରମ୍ଭ ହୋଇଛି ।

ତୃଣମୂଳ ସ୍ତରରେ ସ୍ୱାସ୍ଥ୍ୟକର୍ମୀ ଓ ଆଶାକର୍ମୀଙ୍କ ଜରିଆରେ ଯକ୍ଷ୍ମାରୋଗୀଙ୍କୁ ଚିହ୍ନଟ କରାଯାଉଛି । ଏ ସମ୍ପର୍କରେ ଜିଲ୍ଲା ଯକ୍ଷ୍ମା ବିଭାଗର ପ୍ରକଳ୍ପ ସଂଯୋଜକ **ବିଶ୍ୱରଞ୍ଜନ ଦାସ** ଆକାଶବାଣୀକୁ କହିଛନ୍ତି.....

# - V/O –

## ସ୍ୱାସ୍ଥ୍ୟସେବାରେ ଆଶାକର୍ମୀ

**ଭଦ୍ରକ** ଜିଲ୍ଲା ଆଶା ଓ ଗ୍ରାମ୍ୟକଲ୍ୟାଣ ସମିତି ସମାବେଶ ଅନୁଷ୍ଠିତ ହୋଇଛି । ସହିଦ୍ ସ୍ମୃତିଭବନ ପରିସରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସୁଧାଂଶୁ ଶେଖର ବଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆଶାକର୍ମୀ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟକର୍ମୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଆଶାକର୍ମୀ, ଗ୍ରାମ୍ୟ କଲ୍ୟାଣ ସମିତି ଏବଂ ମହିଳା ଆରୋଗ୍ୟ ସମିତିକୁ ପୁରସ୍କୃତ କରାଯାଇଛି ।

## ପାଣିପାଗ

ରାଜ୍ୟର ଅଧିକାଂଶ ଅଞ୍ଚଳରେ ଲଘୁଚାପଜନିତ ବର୍ଷା ଲାଗି ରହିଛି । ଗତ ୨୪ ଘଣ୍ଟା ମଧ୍ୟରେ ନୟାଗଡ଼ ଜିଲ୍ଲାର ରଣପୁରଠାରେ ସର୍ବାଧିକ ୧୦୮ ଦଶମିକ ୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ଆଗାମୀ ୨ ଦିନ ପର୍ଯ୍ୟନ୍ତ ରାଜ୍ୟର କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷାର ସମ୍ଭାବନା ରହିଛି । ଆଗାମୀ ୨୪ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ନେଇ କୋରାପୁଟ, ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର ଏବଂ ଝାରସୁଗୁଡ଼ା ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।

ସେହିଭଳି ଦୁଇ ଦିନ ପର୍ଯ୍ୟନ୍ତ ରାଜ୍ୟରେ ସର୍ବନିମ୍ନ ତାପମାତ୍ରାରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ । କେତେକ ସ୍ଥାନରେ ଘନ କୁହୁଡି ଦେଖାଦେବ । ଏଥିପାଇଁ ୬ଟି ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା

ଜାରି କରାଯାଇଛି । ଆସନ୍ତାକାଲିଠାରୁ ରାଜ୍ୟରେ ବର୍ଷାର ପରିମାଣ ହ୍ରାସ ପାଇବ । ଏ ସମ୍ପର୍କରେ ଅଧିକ ସୂଚନା ଦେଇ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶକ **ମନୋରମା ମହାନ୍ତି** କହନ୍ତି....

# - V/O –

***********************************